ନିତିଦିନ
NITIDIN
NEW AGE MEDIA & PUBLICATIONS PVT. LTD.
PRINTED AT BHUBANESWAR

www.nitidin.com twitter.com/nitidintoday facebook.com/nitidintoday
୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

'ଗୁଣାତ୍ମକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ' ୨

ମହାମାରୀ ବିରୋଧରେ ଲଢ଼େଇ ଜାରି ରହିଛି ୩

ସମାଜ ଗଠନର ମାର୍ଗ ୬

ସାଂସଦ ହେଲେ ବୋଥାମ ୧୨

କରୋନା ସ୍ଥିତି

ବିଶ୍ୱ	ଆକ୍ରାନ୍ତ:	୧,୭୮,୯୯,୫୮୬
	ସୁସ୍ଥ:	୧,୧୨,୬୧,୭୬୨
	ମୃତ:	୬,୮୫,୭୪୧
ଦେଶ	ଆକ୍ରାନ୍ତ:	୧୬,୯୫,୯୮୮
	ସୁସ୍ଥ:	୧୦,୯୪,୩୭୪
	ମୃତ:	୩୬,୫୪୧

RNI REG. NO. ODIODI/2015/62237 • POSTAL REGD. NO.BN/258/18-20

VOLUME 6 • ISSUE 78 • BHUBANESWAR • BERHAMPUR • SAMBALPUR • BALASORE • JAJPUR • SUNDAY • 2 AUGUST 2020 • 12 PAGES+MAGAZINE • ₹5/- ବର୍ଷ ୬ • ସଂଖ୍ୟା ୭୮ • ଭୁବନେଶ୍ୱର • ବ୍ରହ୍ମପୁର • ସମ୍ବଲପୁର • ବାଲେଶ୍ୱର • ଯାଜପୁର • ରବିବାର • ୨ ଅଗଷ୍ଟ ୨୦୨୦ • ୧୨ ପୃଷ୍ଠା+ମ୍ୟାଗାଜିନ୍ • ୫ ଟଙ୍କା

ରେକର୍ଡ ଭାଙ୍ଗିଲା ଅଗଷ୍ଟ ପହିଲା

ଅଗଷ୍ଟ ମାସ ଆରମ୍ଭରୁ କରୋନା ଉଗ୍ରରୂପ ଧାରଣ କରିଛି। ମାସର ପ୍ରଥମ ଦିନରେ ଏହି ମହାମାରୀ ପୂର୍ବର ସବୁ ରେକର୍ଡ ଭାଙ୍ଗି ଦେଇଛି। ଉଭୟ ଦେଶ ଓ ରାଜ୍ୟରେ ଏହି ପରିସ୍ଥିତି ଦେଖା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୭ ହଜାର ୧୧୮ ଜଣ ଓ ଓଡ଼ିଶାରେ ୧୬୦୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଗୋଟିଏ ଦିନରେ ଏତେ ସଂଖ୍ୟକ ରୋଗୀ କେବେ ଚିହ୍ନଟ ହୋଇନଥିଲେ। କହିବାକୁ ଗଲେ ଉଭୟ ଦେଶ ଓ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇ ମାସରେ ସର୍ବାଧିକ ରୋଗୀ ଚିହ୍ନଟ ହେବା ସହିତ ଏହି ମାସରେ ମଧ୍ୟ ସବୁଠାରୁ ଅଧିକ ରୋଗୀ ପ୍ରାଣ ହରାଇଛନ୍ତି। ଦେଶରେ ଆଜି ସୁଦ୍ଧା ୧୬ ଲକ୍ଷ ୯୫ ହଜାର ୯୮୮ ଜଣ ଓ ରାଜ୍ୟରେ ୩୩ ହଜାର ୪୭୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ଅଧିକାଂଶ ଗତ ଜୁଲାଇ ମାସରେ ହିଁ ଚିହ୍ନଟ ହୋଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରୁ ଜଣାପଡ଼ିଛି। ଜୁଲାଇ ମାସରେ ଦେଶରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଓ ରାଜ୍ୟରେ ୨୩ ହଜାର ୫୨ ରୋଗୀ ଚିହ୍ନଟ ହୋଇଛନ୍ତି। ହାରାହାରି ପ୍ରତିଦିନ ଏବେ ଦେଶରେ ୫୦ ହଜାରରୁ ଅଧିକ ଓ ରାଜ୍ୟରେ ଏକ ହଜାରରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଅବଶ୍ୟ ପୂର୍ବାପେକ୍ଷା ଅଧିକ ଟେଷ୍ଟିଂ କରାଯାଉଥିବାରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। କାରଣ ଦେଶରେ ଏବେ ଦିନକୁ ପ୍ରାୟ ୫ ଲକ୍ଷ ଓ ରାଜ୍ୟରେ ପ୍ରାୟ ୫ ହଜାର ନମୁନା ପରୀକ୍ଷା ହେଉଛି। ଏହି କାରଣରୁ ଅଗଷ୍ଟ ମାସରେ ଆହୁରି ଅଧିକ ରୋଗୀ ଚିହ୍ନଟ ହେବେ ବୋଲି ଅନୁମାନ କରାଯାଉଛି।

ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:

ଅଗଷ୍ଟ ମାସ ଆରମ୍ଭରୁ କରୋନା ଉଗ୍ରରୂପ ଧାରଣ କରିଛି। ଜୁଲାଇ ମାସର ରେକର୍ଡ

- ପୁଣି ୧୦ ମୁଣ୍ଡ ନେଲା କରୋନା
- ଆକ୍ରାନ୍ତ ୧୬୦୨, ସୁସ୍ଥ ୭୫୬

ଅଗଷ୍ଟ ପହିଲାରେ ଭାଙ୍ଗିଯାଇଛି। ଶନିବାର ୨୪ ଘଣ୍ଟାରେ ୧୬୦୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଗୋଟିଏ ଦିନରେ ଏତିକି ସଂଖ୍ୟକ ଆକ୍ରାନ୍ତ କେବେ ଚିହ୍ନଟ ହୋଇନଥିଲେ। କେବଳ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ତାହା ନୁହେଁ, ୨୪ଘଣ୍ଟାରେ ୧୧ ମୁଣ୍ଡ ନେଇଛି କରୋନା। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲାବେଳେ ଆଉ ଜଣେ ନୟାଗଡ଼ର କରୋନାରେ ପୀଡ଼ିତ ଥାଇ କିଡ୍‌ନୀ ରୋଗରେ ପ୍ରାଣ

ଆକ୍ରାନ୍ତ ୩୩,୪୭୯

ସକ୍ରିୟ	ସୁସ୍ଥ	ମୃତ
୧୧,୯୮୧	୨୧,୨୭୩	୧୮୭

ହରାଇଛନ୍ତି। ଫଳରେ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୭କୁ ବୃଦ୍ଧି ପାଇଛି।

୨୯ ଜିଲ୍ଲାରୁ ୧୬୦୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୯୩ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୬୦୯ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ତେଣୁ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩ ହଜାର ୪୭୯କୁ ବୃଦ୍ଧି ପାଇଛି। ଆଜି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ୩୦୮ ଜଣ ଗଞ୍ଜାମରୁ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୨୮୫, ଅନୁଗୁଳରୁ ୧୫, ବାଲେଶ୍ୱରରୁ ୨୯, ବରଗଡ଼ରୁ ୧୩, ଭଦ୍ରକରୁ ୨୦, ବଲାଙ୍ଗିରରୁ ୩୮, ବୌଦ୍ଧରୁ ୯, କଟକରୁ ୫୪, ଗଜପତିରୁ ୧୦୮, ଜଗତସିଂହପୁରରୁ ୧୯, ଯାଜପୁରରୁ ୪୪, ଝାରସୁଗୁଡ଼ାରୁ ୭, କଳାହାଣ୍ଡିରୁ ୩୦, କନ୍ଧମାଳରୁ ୪୫, କେନ୍ଦ୍ରାପଡ଼ାରୁ ୧୫, କେନ୍ଦୁଝରରୁ ୩୧, କୋରାପୁଟରୁ ୪୬, ମାଲକାନଗିରିରୁ ୩୦, ମୟୂରଭଞ୍ଜରୁ ୩୯, ନବରଙ୍ଗପୁରରୁ ୯, ନୟାଗଡ଼ରୁ ୩୩, ନୂଆପଡ଼ାରୁ ୫, ପୁରୀରୁ ୫୦, ରାୟଗଡ଼ାରୁ ୧୬୪, ସମ୍ବଲପୁରରୁ ୩୯, ସୋନପୁରରୁ ୬ ଓ ସୁନ୍ଦରଗଡ଼ରୁ ୬୨ ଅଛନ୍ତି। ଏବେ ସକ୍ରିୟଙ୍କ ସଂଖ୍ୟା ୧୧ ହଜାର ୯୮୧କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଜି ୭୫୬ଜଣ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ୧୬୨, ଗଞ୍ଜାମ ୧୩୯, କଟକ ୭୮ ସୁନ୍ଦରଗଡ଼ ୫୮, ଗଜପତି ୪୯, ଭଦ୍ରକ ୩୩, କେନ୍ଦୁଝର ୩୧, ପୁରୀ ୨୮, ନୟାଗଡ଼ ୨୨, ରାୟଗଡ଼ା ୨୦, ବାଲେଶ୍ୱର ୧୯, କୋରାପୁଟ ୧୮, ମାଲକାନଗିରି ୧୬, ନବରଙ୍ଗପୁର ୧୩, କନ୍ଧମାଳ ୧୦, ସମ୍ବଲପୁର ୧୦, ଯାଜପୁର ୯, କେନ୍ଦ୍ରାପଡ଼ା ୯, ଜଗତସିଂହପୁର ୮, ବରଗଡ଼ ୭, ଢେଙ୍କାନାଳ ୬, ଝାରସୁଗୁଡ଼ା ୬, ବଲାଙ୍ଗିର ୨, କଳାହାଣ୍ଡି ୨ ଓ ଅନୁଗୁଳରୁ ଜଣେ ଚିହ୍ନଟ ହୋଇଛନ୍ତି।

ଦିନକରେ ୫୭,୧୧୮ ଆକ୍ରାନ୍ତ

ନୂଆଦିଲ୍ଲୀ, ୧।୮/ଏଜେନ୍ସି:

ଗତ ୩ ଦିନ ହେଲା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧିପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୭,୧୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଫଳରେ ଏହି ସଂଖ୍ୟା ୧୬,୯୫,୯୮୮ କୁ ବୃଦ୍ଧିପାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୭୬୪ ଆକ୍ରାନ୍ତ ପ୍ରାଣହାନୀ ଘଟିବା ଫଳରେ ମୃତ୍ୟୁସଂଖ୍ୟା ୩୬,୫୧୧କୁ ବୃଦ୍ଧିପାଇଛି। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୧୦ ଲକ୍ଷ ୯୪ ହଜାର ୩୭୪ ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଦେଶରେ ଆରୋଗ୍ୟହାର ଏବେ ୬୪.୫୨ ପ୍ରତିଶତ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫ ଲକ୍ଷ ୨୫ ହଜାର ୬୮୯ ନମୁନା ପରୀକ୍ଷା ହୋଇଛି। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୧ କୋଟି ୯୩ ଲକ୍ଷ ୫୮ ହଜାର ୬୫୯ ନମୁନା ପରୀକ୍ଷା କରାଗଲାଣି।

କରୋନାରେ ଅଧିକ ପ୍ରଭାବିତ ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୨୨ ହଜାର ୧୧୮କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁସଂଖ୍ୟା ୧୪,୯୯୪କୁ ବୃଦ୍ଧିପାଇଛି। ତାମିଲନାଡୁରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୪୫ ହଜାର ୮୫୯କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁସଂଖ୍ୟା ୩,୯୩୫କୁ ବୃଦ୍ଧିପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୩୫ ହଜାର ୫୯୮କୁ ବୃଦ୍ଧି ପାଇଥିଲା ବେଳେ ଏ ପର୍ଯ୍ୟନ୍ତ ସେଠାରେ ୩,୯୬୩ ଜଣଙ୍କ ମୃତ୍ୟୁ ଘଟିଲାଣି। କର୍ଣ୍ଣାଟକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୪ ହଜାର ୧୧୫ ଟପିଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୨,୩୧୪ଜଣ କରୋନା ରୋଗୀଙ୍କ ମୃତ୍ୟୁ ହୋଇଛି।

ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଇଁ ଗାଇଡ୍‌ଲାଇନ୍

ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:

ଘରୋଇ ହସ୍ପିଟାଲ୍, ନର୍ସିଂହୋମ୍ ଓ ଲାବୋରୋଟୋରିରେ ରାପିଡ୍ ଆଣ୍ଟିଜେନ୍ ଓ ଆରଟି-ପିସିଆର ଟେଷ୍ଟିଂ ଲାଗି ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ରାଜ୍ୟର ଏହିସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ବିଭାଗ ଚିଠି ଲେଖି ଅବଗତ କରାଇଛି। ବିଭାଗ କହିଛି ଯେ ଏଣିକି ଏହିସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକ ରାପିଡ୍ ଆଣ୍ଟିଜେନ୍ ଓ ଆରଟି-ପିସିଆର ଟେଷ୍ଟିଂ କରିପାରିବେ। ହେଲେ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌କୁ ପାଳନ କରିବା ବାଧ୍ୟତାମୂଳକ। ପ୍ରଥମେ ରାପିଡ୍ ଆଣ୍ଟିଜେନ୍ ଓ ଆରଟି-ପିସିଆର ଟେଷ୍ଟିଂ ଲାଗି ଓଡ଼ିଶା କ୍ଲିନିକାଲ୍ ଆକ୍ଟରେ ପଞ୍ଜୀକରଣ କରିବାକୁ ହେବ। ଯେଉଁମାନେ ଏହି ପରୀକ୍ଷା କରାଇବେ, ସେମାନେ ପ୍ରଥମେ ସ୍ୱତନ୍ତ୍ର ଭାବେ ଆଇସିଏମ୍‌ଆର୍‌ର ଏସଓପି ଅନୁଯାୟୀ ପ୍ରଶିକ୍ଷଣ ନେବା ଆବଶ୍ୟକ। ହସ୍ପିଟାଲ କର୍ତ୍ତୃପକ୍ଷ ଯେଉଁମାନଙ୍କ ପରୀକ୍ଷା କରାଇବେ, ଆଇସିଏମ୍ଆର ଓ ଡବ୍ଲ୍ୟୁଏଚ୍ଓ ଗାଇଡ୍‌ଲାଇନ୍ ଅନୁଯାୟୀ ସ୍ୱତନ୍ତ୍ର ଭାବେ ସ୍ୱାବ୍ ସଂଗ୍ରହ ଓ ପରୀକ୍ଷା କରାଇବେ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରୀକ୍ଷା ରିପୋର୍ଟ ପ୍ରଥମେ ଆଇସିଏମ୍ଆର ପୋର୍ଟାଲରେ ଅପ୍‌ଲୋଡ୍ କରାଇବେ। ଏହା ସହିତ ପରୀକ୍ଷାକାରୀଙ୍କ ରିପୋର୍ଟ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ପ୍ରଥମେ ଅବଗତ କରାଇବେ। ଏହାର ୨୪ଘଣ୍ଟା ପରେ ପରୀକ୍ଷାକାରୀଙ୍କୁ ରିପୋର୍ଟ ସମ୍ପର୍କରେ ସୂଚନା ଦେବେ। ରାଜ୍ୟ ସରକାରଙ୍କ ଦ୍ୱାରା ଟେଷ୍ଟିଂ ପାଇଁ ନିର୍ଦ୍ଧାରିତ କରାଯାଇଥିବା ଦର ଅନୁସାରେ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନମାନେ ଉଚିତ ମୂଲ୍ୟ ନେବେ। ଆଣ୍ଟିଜେନ୍ ଟେଷ୍ଟିଂ ପାଇଁ ୪୫୦ଟଙ୍କା ଧାର୍ଯ୍ୟ କରିଛନ୍ତି।

ସାଂସଦ ଅମର ସିଂଙ୍କ ଦେହାନ୍ତ

ନୂଆଦିଲ୍ଲୀ,୧।୮/ଏଜେନ୍ସି:

ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ସମାଜବାଦୀ ପାର୍ଟି ନେତା ଅମର ସିଂଙ୍କର ଶନିବାର ଦିପ୍ରହରେ ସିଙ୍ଗାପୁରଠାରେ ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ହୋଇ ସିଙ୍ଗାପୁରରେ ଚିକିତ୍ସିତ ହେଉଥିଲେ। ୨୦୧୩ରେ ତାଙ୍କର କିଡ୍‌ନୀ ଖରାପ ହୋଇଯାଇଥିଲା। ରୋଗଶଯ୍ୟାରେ ପଡ଼ିଥିଲେ ମଧ୍ୟ ଅମର ସିଂ ସୋସିଆଲ୍ ମିଡ଼ିଆରେ ବେଶ୍ ସକ୍ରିୟ ଥିଲେ। ଏପରିକି ଶନିବାର ମଧ୍ୟ ମୃତ୍ୟୁର ତିନିଘଣ୍ଟା ପୂର୍ବରୁ ସେ ନିଜ ଟ୍ୱିଟର ଆକାଉଣ୍ଟରେ ଇଦ୍ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ବାଲ୍ ଗଙ୍ଗାଧର ତିଳକଙ୍କର ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷଥର ପାଇଁ ମାର୍ଚ୍ଚ ୨୨ରେ ଅମର ହସ୍ପିଟାଲ୍ ବେଡ୍‌ରୁ ଏକ ଛୋଟ ଭିଡିଓ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରିଥିଲେ। କରୋନା ଲଢେଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମର୍ଥନ କରିବାକୁ ଉକ୍ତ ଭିଡିଓରେ ଅମର ସିଂ ଦେଶବାସୀଙ୍କୁ ନିବେଦନ କରିଥିଲେ।

ଅମର ସିଂ ପୂର୍ବରୁ ସମାଜବାଦୀ ପାର୍ଟିର ମହାସଚିବ ଏବଂ ସାଂସଦ ଥିଲେ। ସେ ସମୟରେ ସମାଜବାଦୀ ପାର୍ଟି ମୁଖ୍ୟ ମୁଲାୟମ ସିଂ ଯାଦବଙ୍କର ସେ ଖୁବ୍ ଘନିଷ୍ଠ ଥିଲେ। ୨୦୧୦ ଫେବ୍ରୁଆରୀରେ ଅମର ସିଂହ ଓ ଜୟପ୍ରଦାଙ୍କୁ ସମାଜବାଦୀ ପାର୍ଟିରୁ ବହିଷ୍କାର କରାଯାଇଥିଲା। ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ସହ ତାଙ୍କର ସମ୍ପର୍କ ନେଇ ଅମର ସିଂହ ଚର୍ଚ୍ଚିତ ଥିଲେ କିନ୍ତୁ ଜୟା ବଚ୍ଚନଙ୍କ ବିରୋଧରେ ସେ କେତେକ ଅଭିଯୋଗ ଆଣିବାରୁ ଏହି ସମ୍ପର୍କରେ ଭଙ୍ଗା ପଡିଥିଲା। ତେବେ ସମାଜବାଦୀ ପାର୍ଟିରୁ ଅଲଗା ହେବା ପରେ ସେ ରାଜନୀତିରେ ତାଙ୍କର ସକ୍ରିୟତା ଧୀରେଧୀରେ କମିଯାଇଥିଲା ଏବଂ ସେ ଧୀରେଧୀରେ ଭାରତୀୟ ଜନତା ପାର୍ଟିକୁ ସମର୍ଥନ କରିଥିଲେ। ସେ ୧୯୯୬ରେ ପ୍ରଥମେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୬ରେ ଅମର ସିଂହ ସ୍ୱାଧୀନପ୍ରାର୍ଥୀ ଭାବେ ପୁନର୍ବାର ରାଜ୍ୟସଭାକୁ ନିର୍ବାଚିତ ହେଲେ। ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅଭିନେତା ଅମିତାଭ୍ ବଚ୍ଚନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଲିପୁଲେଖ ଘାଟି ନିକଟରେ ସୈନ୍ୟ ଠୁଳ କରୁଛି ଚୀନ୍

ଭାରତୀୟ ଯବାନ ଦୂରରୁ ସ୍ଥିତି ନୀରିକ୍ଷଣ କରୁଛନ୍ତି

ନୂଆଦିଲ୍ଲୀ, ୧।୮/ଏଜେନ୍ସି:

ଲଦାଖ ସୀମାରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଭାରତ-ଚୀନ୍ ସେନା ଦୀର୍ଘ ଦିନ ଧରି ମୁହାଁମୁହିଁ ଅବସ୍ଥାରେ ରହିଥିଲା ବେଳେ ଉଭୟ ଦେଶ ସୈନ୍ୟ ଅପସାରଣ ପାଇଁ ନିଷ୍ପତି ନେଇ ସେହି ଅନୁରୂପ ପଦକ୍ଷେପ ନେଉଥିଲା ବେଳେ ଅପରପକ୍ଷରେ ଉତ୍ତରାଖଣ୍ଡର ଲିପୁଲେଖ ଘାଟି ନିକଟରେ ଚୀନ୍ 'ପିପୁଲ୍ସ ଲିବରେସନ ଆର୍ମି'ର ଏକ ବାଟାଲିୟନ୍ ସୈନ୍ୟ ଠୁଳ କରିଥିବା ବିଶେଷସୂତ୍ରରୁ ଜଣାପଡିଛି। ଗତ କେତେ ସପ୍ତାହ ହେବ ଚୀନ୍ ସେନାର ଗତିବିଧି ଏହି ଅଞ୍ଚଳରେ ପରିଲକ୍ଷିତ ହୋଇଛି। ଏ ସ୍ଥାନ ମଧ୍ୟ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ଅବସ୍ଥିତ। ଏ ସଂକ୍ରାନ୍ତରେ ଜଣେ ଶୀର୍ଷସ୍ତରୀୟ ସାମରିକ କମାଣ୍ଡର କହିଛନ୍ତି, ଲିପୁଲେଖ ଘାଟି, ଉତ୍ତର ସିକିମ୍ ଏବଂ ଅରୁଣାଚଳ ପ୍ରଦେଶର ଆରପାଖର କେତେକ ଅଂଶରେ ପିପୁଲ୍ସ ଲିବରେସନ୍ ଆର୍ମିର ସୈନିକମାନେ ଠୁଳ ହୋଇଛନ୍ତି।

▶▶ ୭

ପଞ୍ଜାବ ମଦମୃତ୍ୟୁ ମାମଲା

ମୃତ୍ୟୁସଂଖ୍ୟା ୮୬କୁ ବୃଦ୍ଧି

ଚଣ୍ଡିଗଡ଼, ୧।୮/ଏଜେନ୍ସି:

ପଞ୍ଜାବରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁସଂଖ୍ୟା ୮୬କୁ ବୃଦ୍ଧିପାଇଛି। ତରନତାରନ ଜିଲ୍ଲାରେ ସବୁଠାରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। କେବଳ ଏହି ଜିଲ୍ଲାରେ ୪୨ ଜଣ ମୃତ୍ୟୁ ଘଟିଛି। ଏହାଛଡ଼ା ଅମୃତସରରେ ୧୧ ଜଣ ଓ ଗୁରୁଦାସପୁରରେ ୯ ଜଣଙ୍କ ପ୍ରାଣହାନୀ ଘଟିଛି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ ଦିନକର ଗୁପ୍ତା କହିଛନ୍ତି ଯେ ୩ଟି ଜିଲ୍ଲାକୁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ଯୋଗାଣ ହୋଇଥିବା ମଦ ଯୋଗୁଁ ଏଭଳି ବିଭୀଷିକା ସୃଷ୍ଟି ହୋଇଛି। କେତେକ ବ୍ୟକ୍ତି ଗୁରୁତର ଅସୁସ୍ଥ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମଦ ମୃତ୍ୟୁ ହୋଇଥିବା ସମସ୍ତ ଅଞ୍ଚଳରେ ବ୍ୟାପକ ଚଢଉ ଚାଲିଛି। ପୁଲିସ ଇତି ମଧ୍ୟରେ ପ୍ରାୟ ୧୦୦ଟି ସ୍ଥାନରେ ଚଢଉ କରି ଶନିବାର ୧୭ଜଣଙ୍କୁ ଗିରଫ କରିଛି। ଫଳରେ ଗିରଫଙ୍କ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ମଦ ମାଫିଆ, ଜଣେ ଦାଗି ଅପରାଧୀ ଓ ଜଣେ ମହିଳା

▶▶ ୭

ସିପ୍‌ୟାର୍ଡରେ ବିଶାଳ କ୍ରେନ୍ ଭାଙ୍ଗି ୧୧ ମୃତ

ବିଶାଖାପଟନମ,୧।୮/ଏଜେନ୍ସି :

ଆନ୍ଧ୍ରପ୍ରଦେଶର ବିଶାଖାପଟନମ୍ ବନ୍ଦର ନିକଟସ୍ଥ ସିପ୍‌ୟାର୍ଡରେ ଗୋଟିଏ ବିଶାଳ କ୍ରେନ୍ ଭାଙ୍ଗିଯିବା ଫଳରେ ଅନ୍ୟୁନ ୧୧ ଜଣ ପ୍ରାଣ ହରାଇଛନ୍ତି। ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡିସିପି ସୁରେଶ ବାବୁଙ୍କ ସୂଚନା ଅନୁଯାୟୀ ହିନ୍ଦୁସ୍ଥାନ ସିପ୍‌ୟାର୍ଡ ଲିମିଟେଡ୍ କେନ୍ଦ୍ରରେ ମୃତକଙ୍କ ଉଦ୍ଧାର କାର୍ଯ୍ୟ ଜାରିରହିଛି। ତିନିଜଣ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇଥିଲା ବେଳେ ଅନ୍ୟ ମୃତକଙ୍କ ଚିହ୍ନଟ ପ୍ରକ୍ରିୟା ଚାଲିଛି। ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ମୋହନ ରେଡ୍ଡି ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଓ ସିଟି ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସମ୍ବାଦ ସରବରାହ ସଂସ୍ଥା ତରଫରୁ

▶▶ ୭

ବିଶ୍ୱରେ ମୃତ୍ୟୁସଂଖ୍ୟା ୬ ଲକ୍ଷ ୮୫ ହଜାର ଟପିଲା

ନୂଆଦିଲ୍ଲୀ, ୧।୮/ଏଜେନ୍ସି:

ବିଶ୍ୱରେ କରୋନା ସଂକ୍ରମଣ ଦିନକୁ ଦିନ ବଢିବାରେ ଲାଗିଛି। ଇତି ମଧ୍ୟରେ ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୭୮ ଲକ୍ଷ ୯୯ ହଜାର ୫୮୬ ରେ ପହଞ୍ଚିଥିଲା ବେଳେ ଏହି ରୋଗରେ ଆକ୍ରାନ୍ତ ହୋଇ ୬ ଲକ୍ଷ ୮୫ ହଜାର ୭୪୧ ଜଣଙ୍କ ପ୍ରାଣହାନୀ ଘଟିଲାଣି। ତେବେ ଏ ପର୍ଯ୍ୟନ୍ତ ୧ କୋଟି ୧୨ ଲକ୍ଷ ୬୧ ହଜାର ୭୬୨ ଜଣ ସୁସ୍ଥ ହୋଇଛନ୍ତି। କରୋନା ସଂକ୍ରମଣରେ ବିଶ୍ୱରେ ସର୍ବାଗ୍ରେ ରହିଛି ଆମେରିକା। ସେଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୭ ଲକ୍ଷ ୩୪ ହଜାର ୩୩୧ କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁ ସଂଖ୍ୟା ୧ ଲକ୍ଷ ୫୭ ହଜାର ୨୪୫ କୁ ବୃଦ୍ଧିପାଇଛି।

▶▶ ୭

ରାଜ୍ୟରେ ୫ ପ୍ରକାର କରୋନା ଭୂତାଣୁ ଚିହ୍ନଟ

ଭୁବନେଶ୍ୱର,୧।୮/ଏନ୍ଏନ୍ଏସ୍:

କୋଭିଡ୍ ଭୂତାଣୁର ବିଭିନ୍ନ ରୂପ ଚିହ୍ନଟ କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରିଛି। ଓଡ଼ିଶାରେ କେତେ ପ୍ରକାର କରୋନା ଭୂତାଣୁ ଜନସାଧାରଣଙ୍କୁ ସଂକ୍ରମିତ କରିବାରେ ଲାଗିଛନ୍ତି, ତାହାର ସ୍ଥିତି ଓ ରୂପ ସମ୍ପର୍କରେ ଭୂତାଣୁ ବିଶେଷଜ୍ଞଙ୍କ ଗବେଷଣାରୁ ଜଣାପଡ଼ିଛି। ଓଡ଼ିଶାରେ କରୋନାର ୫ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି। ସେଗୁଡ଼ିକ ହେଲା ୧୯-ଏ, ୧୯-ବି, ୨୦-ଏ, ୨୦-ବି ଓ ୨୦-ସି ଭୂତାଣୁ। ଆରଏମ୍ଆରସି ଓ ଆଇଏଲ୍ଏସ୍ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦିଆଯାଇଛି। ଓଡ଼ିଶାରେ ଜିନମ୍ ସର୍ଭେରୁ କରୋନାର ଏହି ୫ ପ୍ରକାର ଭୂତାଣୁ ଠାବ ହୋଇଛି। ଓଡ଼ିଶାର ୧୮ ଜିଲ୍ଲାରୁ ମୋଟ ୨୨୫ ନମୂନା ସଂଗ୍ରହ କରାଯାଇ ବିଶ୍ଳେଷଣ କରାଯାଇଥିଲା। ଦେଶର ୧୩ ରାଜ୍ୟରୁ ଓଡ଼ିଶାର ୧୮ଟି ଜିଲ୍ଲାକୁ ଆସିଥିବା ପ୍ରବାସୀଙ୍କଠାରୁ ନମୂନା ସଂଗ୍ରହ ହୋଇଥିଲା। ମୁଖ୍ୟତଃ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ଏହି ସାମ୍ପୁଲ ସଂଗ୍ରହ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୨୦-ସି ଭୂତାଣୁ କେବଳ ଓଡ଼ିଶାରେ ସ୍ଥାନୀୟ ବିବର୍ତ୍ତନରୁ ସୃଷ୍ଟି ହୋଇଛି। ଏହି ୨୦-ସି ଭୂତାଣୁ ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ବ୍ୟାପୀ ନାହିଁ। ଅନ୍ୟପଟେ ୧୯-ଏ'କୁ ଉହ୍ୱାନ ସହରର ଭୂତାଣୁ ଭାବେ ଚିହ୍ନଟ କରାଯାଇଛି। ୧୯-ବି ଭୂତାଣୁ ୟୁରୋପ ଓ ଦକ୍ଷିଣ-ପୂର୍ବ ଏସିଆରୁ ଆସିଥିବା ଜଣାପଡ଼ିଛି। ତେବେ କେଉଁ କାରଣରୁ ୨୦-ସି ଭୂତାଣୁ କେବଳ ଓଡ଼ିଶାରେ ରହିଛି, ତାହା ଉପରେ ଅଧିକ ଗବେଷଣା କରାଯାଉଛି। ଜୁନ୍ ୧୮ ପରେ ରାଜ୍ୟରେ ଆରଏମ୍ଆରସି ଓ ଆଇଏଲ୍ଏସ୍‌ର ମିଳିତ ଉଦ୍ୟମରେ ସଂଗ୍ରହ କରାଯାଇଥିବା ନମୂନା ଉପରେ ଏବେ ଅଧିକ ଗବେଷଣା କରାଯାଉଛି।

୨୦-ସି ଭୂତାଣୁ କେବଳ ଓଡ଼ିଶାରେ ସ୍ଥାନୀୟ ବିବର୍ତ୍ତନରୁ ସୃଷ୍ଟି

ଆଇଏଲଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା ଓ ବୈଜ୍ଞାନିକ ସୁନୀଲ ରାଘବ କହିଛନ୍ତି ଯେ ରାଜ୍ୟରେ କରୋନା ସଂକ୍ରମଣର ପ୍ରାଥମିକସ୍ତରରେ କେବଳ ୧୯-ଏ ଓ ୧୯-ବି କରୋନା ଭୂତାଣୁ ଦେଖିବାକୁ ମିଳିଥିଲା। ପରେ ଏମାନେ ଭିନ୍ନ ରୂପରେ ବିକଶିତ ହୋଇଥିଲା। ଏହି ବିକଶିତ କିମ୍ବା ପରିବର୍ତ୍ତିତ ଭୂତାଣୁକୁ ବୈଜ୍ଞାନିକମାନେ ୨୦-ଏ, ୨୦-ବି ଓ ୨୦-ସି ନାମ ଦେଇଛନ୍ତି । ୨୦-ଏ, ୨୦-ବି ଓ ୨୦-ସି ଭୂତାଣୁ ଅପେକ୍ଷାକୃତ ଭାବେ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ । ଏବେ ରାଜ୍ୟରେ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ଏହି ବିକଶିତ ଭୂତାଣୁ ଦେଖିବାକୁ ମିଳୁଛି। ତେବେ ଏହା ପ୍ରାକ୍ ଭୂତାଣୁଠାରୁ ପ୍ରଭାବଶାଳୀ ଓ ସକ୍ରିୟ ହୋଇଥିବା ହେତୁ ସଂକ୍ରମିତଙ୍କ ମଧ୍ୟରେ ଭୂତାଣୁ ରୋଗଜନିତ ସମସ୍ୟା ମଧ୍ୟ ବଢୁଛି। ତେବେ ୨୦-ସି ନାମକ ବିକଶିତ ଭୂତାଣୁ କେବଳ ଓଡ଼ିଶାରେ ଦେଖିବାକୁ ମିଳିଛି। ଏଭଳି ପ୍ରକାର ଭୂତାଣୁ ଭାରତର ଅନ୍ୟ କୌଣସି ସ୍ଥାନରେ ନାହିଁ। ବର୍ତ୍ତମାନ ବୈଜ୍ଞାନିକମାନେ ଭୂତାଣୁର ପରିବର୍ତ୍ତିତ ଓ ବିକଶିତ ରୂପକୁ ଚିହ୍ନଟ କରିସାରିବା ପରେ ଏହାର ପ୍ରତିକ୍ରିୟା ଉପରେ ଧ୍ୟାନ ଦେଇଛନ୍ତି । ଏସବୁ ଭୂତାଣୁ କିଭଳି ଓ କେଉଁ ମାତ୍ରାରେ ପ୍ରଭାବ ବିସ୍ତାର କରୁଛନ୍ତି, ତାହାକୁ ନେଇ ଅନୁସନ୍ଧାନ ଜାରି ରହିଛି। ସେହିଭଳି ମାନବ ଶରୀରରେ ଏହାର କ୍ରିୟା ପ୍ରତିକ୍ରିୟା ଉପରେ ମଧ୍ୟ ଗବେଷଣା ଜାରିରହିଛି।

ସାଧାରଣତଃ ଜିନେମ୍ କହିଲେ ଡିଏନ୍ଏର ଏକ ସାରଣୀ କିମ୍ବା ଏକ ଶ୍ରେଣୀ ବୁଝାଇଥାଏ। ଭୂତାଣୁ କ୍ଷେତ୍ରରେ ମଧ୍ୟ ସମାନ ଧରଣର ସାରଣୀ ଦେଖିବାକୁ ମିଳିଥାଏ। ଭୂତାଣୁ ଯେକୌଣସି ଶରୀରରେ ପ୍ରବେଶ କରିବା ପରେ ମଣିଷ ଶରୀରରେ ଥିବା ବିଭିନ୍ନ ସାରାଂଶ ଯଥା ପ୍ରୋଟିନ୍ ଓ କୋଷିକା ଇତ୍ୟାଦି ସଂସ୍ପର୍ଶରେ ଆସି ଭିନ୍ନ ଭିନ୍ନ ପ୍ରକାରରେ ପ୍ରତିକ୍ରିୟା ପ୍ରକାଶ କରେ । ଯାହାଦ୍ୱାରା ନୂଆ ନୂଆ ସାରଣୀ ପ୍ରସ୍ତୁତ ହୁଏ।

▶▶ ୭